# ଭୂ-ଅର୍ଜନ ଅଧିକାରୀ ଏବଂ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଜାତୀୟରାଜପଥ ନଂ-୫୫,

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ

ପ୍ରସେସ୍ ନଂ- ୩୨

ତାରିଖ- ୨୩/୦୬/୨୦୨୪

## ସର୍ବସାଧାରଣ ବିଜ୍ଞପ୍ତି

**ଜାତୀୟରାଜପଥ ନଂ-୫୫ ର ନିର୍ମାଣ ପାଇଁ ୨୭୭.୫୦୦ କିଲୋମିଟରରୁ ୨୭୯.୪୦୦ କିଲୋମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଲାଗି ଜମି ମାଲିକ/ସେଥିରେ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଆୱାର୍ଡ ଘୋଷଣା**

ଏଥିସହିତ ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯେ, ଜାତୀୟରାଜପଥ ନଂ-୫୫ ର ନିର୍ମାଣ ପାଇଁ ୨୭୭.୫୦୦ କିଲୋମିଟରରୁ ୨୭୯.୪୦୦ କିଲୋମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ନିମନ୍ତେ ଜାତୀୟରାଜପଥ ଅଧିନିୟମ, ୧୯୫୬ ର ଧାରା 3A ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୩୩ (E) ତା. ୦୪.୦୨.୨୦୨୧ ରିଖରେ ଏବଂ ଧାରା 3(D) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୪ (E) ତା.୦୨.୦୨.୨୦୨୨ ରିଖରେ ଜାରି କରାଯାଇଅଛି ଏବଂ ନିମ୍ନଲିଖିତ ଖବରକାଗଜରେ ପ୍ରକାଶିତ ହୋଇଅଛି ।

| Sl. No. | Notification | Names of newspaper in which published | Date of Publication | Language |
|---|---|---|---|---|
| 1 | Section 3A | The Dharitri | 12.03.2021 | Odia |
| | | The New Indian Express | | English |
| 2 | Section 3D | The Prameya | 29.06.2022 | Odia |
| | | The Dharitri | | English |

ଏତଦ୍ୱାରା ସୂଚନା ଦିଆଯାଉଅଛି ଯେ ଉକ୍ତ ବିଜ୍ଞପ୍ତି ମୁତାବକ ମୌଜା କନ୍ଦରପୁର, ସିଦ୍ଧେଶ୍ୱରପୁର ଓ ଅଥଗାର ଅଧିଗ୍ରହଣ ନିମନ୍ତେ ଅଧିସୂଚୀତ ଜମିର କ୍ଷତିପୂରଣ ରାଶିର ଆକଳନ ଜାତୀୟ ରାଜପଥ ଅଧିନିୟମ, ୧୯୫୬ ର ଧାରା 3G ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ତା. ୨୨/୧୨/୨୦୨୨ରିଖ, ତା.୧୬/୦୩/୨୦୨୩ରିଖ, ତା.୦୫/୦୪/୨୦୨୩ରିଖ, ତା.୨୫/୦୪/୨୦୨୩ରିଖ ଏବଂ ତା.୨୫/୦୫/୨୦୨୩ରିଖ ରେ ପ୍ରସ୍ତୁତ କରାଯାଇଅଛି ।

ଜମି ଆବଶ୍ୟକ କରୁଥିବା ଏଜେନ୍ସି (MoRTH) ଏହି ଆକଳନକୁ ଅନୁମୋଦନ କରିଛି । ଜାତୀୟରାଜପଥ ଆଇନ, ୧୯୫୬ ର ଧାରା 3E ଅନୁଯାୟୀ ସମ୍ପୃକ୍ତ ଜମି ମାଲିକ, ଆଗ୍ରହୀ ବ୍ୟକ୍ତିଙ୍କୁ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଅଛି ।

ତଦନୁସାରେ, ସମସ୍ତ ସମ୍ପୃକ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନଙ୍କୁ ଏହି ଅତିରିକ୍ତ ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସୂଚୀତ/ଅଧିସୂଚୀତ କରାଯାଉଅଛି ଯେ "ଭୂମିରାଶି ପୋର୍ଟାଲ" ମାଧ୍ୟମରେ କ୍ଷତିପୂରଣ ରାଶି ସ୍ଥାନାନ୍ତର ପାଇଁ କ୍ଷତିପୂରଣ ରାଶି ପାଇବା ନିମନ୍ତେ ଦାବିଦାରମାନେ ଏହି ବିଜ୍ଞପ୍ତି ପ୍ରକାଶନର ୬୦ ଦିନ ମଧ୍ୟରେ ପୂର୍ବାହ୍ନ ୧୦ ଠାରୁ ଅପରାହ୍ନ ୫.୩୦ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜାତ୍ ଜମା କରିପାରିବେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଆବଶ୍ୟକୀୟ କାଗଜାତ୍/ଦସ୍ତାବିଜ ଜମା କରି କ୍ଷତିପୂରଣ ରାଶି ସଂଗ୍ରହ କରିବାରେ ବିଫଳ ହେଲେ, ଏହି ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ଷାଠିଏ ଦିନର ଏହି ଅବଧି ସମାପ୍ତ ହେବା ପରେ ଏହି ରାଶି ପ୍ରଦାନ କରାଯାଇଥିବା ବିବେଚନା କରାଯିବ ।

ଏଥିସହିତ ସମ୍ପୃକ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନଙ୍କୁ ସମ୍ପୃକ୍ତ ଜମିର ଦଖଲ ନିମ୍ନସ୍ୱାକ୍ଷରକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଉଅଛି । ଏଥିରେ ବିଫଳ ହେଲେ, ୬୦ ଦିନର ଅବଧି ସମାପ୍ତ ହେବା ପରେ ପୋଲିସ୍ ସହାୟତାରେ ସମ୍ପୃକ୍ତ ଜମିର ଦଖଲ ନିଆଯିବ ।

ଭୂ-ଅର୍ଜନ ଅଧିକାରୀ ଏବଂ କ୍ଷମତାପନ୍ନ

ପ୍ରାଧିକାରୀ ଜାତୀୟରାଜପଥ ନଂ ୫୫, କଟକ